## ସଂକ୍ଷେପରେ

### କୋରାପୁଟ ଜିଲାର ୭୭ ସଂକ୍ରମିତ

କୋରାପୁଟ,୨୪।୯(ସ୍ୱ.ପ୍ର.)- କୋରାପୁଟ ଜିଲାରୁ ପୁଣି ୭୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୫୭୨୯କୁ ବୃଦ୍ଧିପାଇଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୧୬ , କୋରାପୁଟ ପୌରାଞ୍ଚଳରୁ ୧୧, ସୁନାବେଡ଼ା ପୌରାଞ୍ଚଳରୁ ୧୩, କୋଟପାଡ ଏନ୍‌ଏସିରୁ ୪ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କୋରାପୁଟ ବ୍ଲକରୁ ୪, ବୈପାରିଗୁଡ଼ାରୁ ୩, ବୋରିଗୁମ୍ମାରୁ ୪, ଜୟପୁରରୁ ୪, ଲମତାପୁଟରୁ ୧, କୁନ୍ଦୁରାରୁ ୬, ନାରାୟଣପାଟଣାରୁ ୧, ଲକ୍ଷ୍ମୀପୁରରୁ ୧, ନନ୍ଦପୁରରୁ ୪, ପଟ୍ଟାଙ୍ଗୀରୁ ୧ ଏବଂ ସେମିଳିଗୁଡ଼ାରୁ ୪ ଜଣ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ ସେଣ୍ଟାରୁ ଜଣେ, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୩୬ ଜଣ ଚିହ୍ନଟ ହୋଇଥିବାବେଳେ ୪୦ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି।

### ରାୟଗଡ଼ା ଜିଲାରେ ୭ହଜାର ଟପିଲା ପଜିଟିଭ ସଂଖ୍ୟା

ରାୟଗଡ଼ା ଅଫିସ,୨୪।୯- ରାୟଗଡ଼ା ଜିଲାରୁ ଆଉ ୬୨ ଜଣଙ୍କ ସ୍ୱାବ୍ ନମୁନା ପଜିଟିଭ ଚିହ୍ନଟ ହୋଇଥିବା ଗୁରୁବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏଥିରେ ଜିଲାର କାଶୀପୁର ବ୍ଲକ୍‌ରୁ୧୭ ଜଣ, ରାମନାଗୁଡ଼ାରୁ ୧୬, କୋଲନରାରୁ ୧୦, ରାୟଗଡ଼ା ସହରାଞ୍ଚଳରୁ ୭, ମୁନିଗୁଡ଼ାରୁ ୫, ରାୟଗଡ଼ା ଗ୍ରାମାଞ୍ଚଳରୁ ୩ , ବିଷମକଟକରୁ ୨, ଗୁଣପୁର ଗ୍ରାମାଞ୍ଚଳରୁ ୧ ଏବଂ ପଦ୍ମପୁରରୁ ୧ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୩ କୋଭିଡ୍ ଯୋଦ୍ଧା ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୦୬୦ ରେ ପହଞ୍ଚିଛି। ସେଥିମଧ୍ୟରୁ ୬୩୮୦ ଜଣଙ୍କ ସୁସ୍ଥହୋଇ ଫେରିଛନ୍ତି। ସେହିପରି ୩୬ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୬୪୪ ସକ୍ରିୟ ସଂକ୍ରମିତ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।

### କୋଭିଡ୍ ଯୋଦ୍ଧାଙ୍କୁ କରୋନା

ଡାବୁଗାଁ, ୨୪।୯(ଡି.ଏନ୍.ଏ)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଆଇଆଇସି ସୁରେନ୍ଦ୍ର କୁମାର ବେହୁରିଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏହା ଜଣାପଡ଼ିବା ପରେ ସେ ସରକାରୀ ବାସଭବନରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଛନ୍ତି। ସେ ସଂକ୍ରମିତ ଚିହ୍ନଟ ହେବାପରେ ପ୍ରଶାସନ ଡାବୁଗାଁ ପୋଲିସ କଲୋନୀର ଆଇଆଇସି କ୍ୱାର୍ଟର୍ସ ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛି। ଏହା ଅକ୍ଟୋବର ୩ ମଧ୍ୟରାତ୍ରି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଆଇଆଇସି ନିଜ ଗାଁ ବାଲେଶ୍ୱର ଜିଲାକୁ ଯାଇ ଶୁକ୍ରବାର ଡାବୁଗାଁ ଫେରିଥିଲେ। ସେ ସଙ୍ଗରୋଧରେ ରହି କରୋନା ପରୀକ୍ଷା କରାଇଥିଲେ।

### କୁଲାଡ୍ ବାଗ୍‌ଦେବୀ ମନ୍ଦିରରୁ ଚୋରି

ଭଞ୍ଜନଗର,୨୪।୯(ଡି.ଏନ.ଏ)- ଭଞ୍ଜନଗର ଥାନା କୁଲାଡ଼ ବାଗ୍‌ଦେବୀ ମନ୍ଦିରରୁ ଗୁରୁବାର ଅପରାହ୍ନରେ ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ୨ଜଣଙ୍କୁ ଥାନାକୁ ଡ଼ାକି ପଚରାଉଚରା ଚଳାଇଛି। ମଧ୍ୟାହ୍ନରେ କୁଲାଡ୍ ବାଗ୍‌ଦେବୀ ମନ୍ଦିର ପୂଜାରୀ ମନ୍ଦିରରେ ତାଲା ପକାଇ ଯିବାର କିଛି ସମୟ ପରେ ଜଣେ ଦୁର୍ବୃତ୍ତ ଆସି ମନ୍ଦିରର ତାଲା ଭାଙ୍ଗି ହୁଣ୍ଡିଟିକୁ ଲୁଟି ନେଇଥିଲେ।

# ପହଁରି ନଦୀ ପାରହୋଇ ସେବା ଯୋଗାଉଛନ୍ତି ଅଙ୍ଗନୱାଡି କର୍ମୀ, ପିଇଓ

ଚିତ୍ରକୋଣ୍ଡା, ୨୪।୯(ଡି.ଏନ୍.ଏ.)

ଲୋକଙ୍କ ହିତ ପାଇଁ ସରକାର ଯୋଜନା ପ୍ରସ୍ତୁତ କରିବା ସହ ତାହାକୁ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରୁଛନ୍ତି। ନିଜ କର୍ମକୁ ଧର୍ମ ଭାବି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଦୁଇଜଣ ଅଙ୍ଗନୱାଡି କର୍ମୀ, ପିଇଓ ଓ ଜଣେ ସାମାଜିକ କର୍ମୀ ଲୋକଙ୍କୁ ସେବା, ଭତ୍ତା ଆଦି ଯୋଗାଉଛନ୍ତି। ମାଲକାନଗିରି ଜିଲା ବିଚ୍ଛିନ୍ନାଞ୍ଚଳଭାବେ ପରିଚିତ ଚିତ୍ରକୋଣ୍ଡା ପଞ୍ଚାୟତ ପିଇଓ, ନେରୁଡିପାଲି, ସୁଆପାଲି ଗ୍ରାମ ଅଙ୍ଗନୱାଡି କର୍ମୀ ଏହାର ଉଦାହରଣ। ସେମାନେ ବିପଦସଙ୍କୁଳଭାବେ ଉଛୁଳା ନଈ ପାରହୋଇ ଲୋକଙ୍କୁ ଭତ୍ତା ଆଦି ବାଣ୍ଟୁଛନ୍ତି।


ଅଙ୍ଗନୱାଡି କର୍ମୀ, ସାମାଜିକ କର୍ମୀ ଓ ପିଇଓ ନଦୀ ପାର ପାଇଁ ପ୍ରସ୍ତୁତ ହେଉଛନ୍ତି।

ଚିତ୍ରକୋଣ୍ଡା ଅଞ୍ଚଳ ମାଓବାଦୀପ୍ରବଣ ଇଲାକା ଭାବେ ଜଣାଶୁଣା। ଏଠାରେ ଯାତାୟାତ ପାଇଁ ବିଶେଷ ସୁବିଧା ନାହିଁ। ଏହା ମଧ୍ୟରେ ନେରୁଡ଼ପାଲି ଗ୍ରାମର ଅଙ୍ଗନୱାଡି କର୍ମୀ ହେମଲତା ଶିଶା, ସୁଆପାଲି ଗ୍ରାମର ପ୍ରମିଳା ଗେଲମେଲ, ରାଲେଗା ପିଇଓ ବାଳକୃଷ୍ଣ ଦେହୁରୀ, ସାମାଜିକ କର୍ମୀ ବିରାଜ ମଣ୍ଡଳ ସାପୁଆ ନଦୀ ପାରହୋଇ ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ଅକାତକାତ ପାଣି ଭିତରେ ଅଣ୍ଟା ଓ କାନ୍ଧରେ ଲାଉତୁମ୍ବା ବାନ୍ଧି ବିପଦସଙ୍କୁଳଭାବେ ନଦୀ ପାରହୋଇ ସେବା ଯୋଗାଉଛନ୍ତି। ଅଙ୍ଗନୱାଡି କର୍ମୀ ନିଜ ଅଞ୍ଚଳରେ ପୁଷ୍ଟିକର ଦିବସ ପାଳନ କରିଥିବାବେଳେ ସାମାଜିକ କର୍ମୀ ସେମାନଙ୍କ ସହ ମିଶି ଉକ୍ତ ଗ୍ରାମକୁ ଯାଇ ଭତ୍ତା ବଣ୍ଟନ କରିଥିଲେ। ପ୍ରତ୍ୟେକ ବର୍ଷ ବର୍ଷାଦିନରେ ଏଭଳି ନଦୀପାର ହେଉଥିବା ସେମାନେ କହିଛନ୍ତି। ଏହି ଗାଁଗୁଡିକୁ ଯିବାକୁ ହେଲେ ନଦୀ ହିଁ ଏକମାତ୍ର ସାହାରା। ତେଣୁ ଏଠାରେ ବ୍ରିଜ୍ ନିର୍ମାଣ କରିବାକୁ ପୂର୍ବତନ ସରପଞ୍ଚ କମଲୁ ହନ୍ତାଳ ଏବଂ ରାଲେଗାଡା ପଞ୍ଚାୟତବାସୀ ଦାବି କରିଛନ୍ତି।

# ଗାଡ଼ିରେ ସରକାରୀ ପାସ୍ ଲଗାଇ ଭାଙ୍ଗ ଚାଲାଣ

ବିଷମକଟକ, ୨୪।୯

ବିଷମକଟକ ପୋଲିସ ପାଟ୍ରୋଲିଂ କରିବା ସମୟରେ ଏକ ଗାଡିରୁ ଭାଙ୍ଗ ଜବତ କରିଛି। ଏହି ଘଟଣାରେ ପୋଲିସ ଡ୍ରାଇଭରକୁ ଅଟକ ରଖିବା ସହ ଜରିମାନା ଆଦାୟ କରିଛି।

ପ୍ରକାଶ ଯେ, ଏକ ଗାଡି (ଓଡି-୧୮ସି- ୦୧୭୭)କୁ ପୋଲିସ ଅଟକାଇଥିଲା। ଏହି ଗାଡିରେ ପିଡିଏସ୍ ଚାଉଳ ପାସ୍ ଲଗାଯାଇଥିଲା। ପୋଲିସ ଡ୍ରାଇଭରଙ୍କଠାରୁ କାଗଜପତ୍ର ମାଗିଥିଲା। ସେଥିରେ ତ୍ରୁଟି ଥିବାରୁ ଗାଡି ଯାଞ୍ଚ କରାଯାଇଥିଲା। ପୋଲିସ ସେଥିରୁ ବିପୁଳ ପରିମାଣର ଭାଙ୍ଗ ଜବତ କରିଛି।

**୪ଲକ୍ଷ ୮୮ ହଜାର ଟଙ୍କା ଜରିମାନା**

ପୋଲିସ ବିଷମକଟକ ଥାନାଧିକାରୀ ଦ୍ରବ୍ୟ ଓ ସେବା କର ମଣ୍ଡଳ ଅଧିକାରୀ କୁ ଖବର ଦେଇଥିଲେ। ସୂଚନାପାଇ ସେମାନେ ଘଟଣାସ୍ଥଳରେ ପହଞ୍ଚି ରାୟଗପଡ଼ା ସହର ବୁଢ୍ରାମାଲିସା ଅଞ୍ଚଳର ଡ୍ରାଇଭର ଏସ୍.ଭେଙ୍କଟ ରାଓଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଏହି ଘଟଣାରେ ଭାଙ୍ଗ ଚାଲାଣ ଗାଡିକୁ ୪ ଲକ୍ଷ ୮୮ ହଜାର ଟଙ୍କା ଜରିମାନା କରାଯାଇଥିବା ବିଷମକଟକ ଥାନାଧିକାରୀ ଯଶବନ୍ତ ହିଆଲ କହିଛନ୍ତି।



ଜବତ ଗାଡି ।

# ବିଧାୟକଙ୍କୁ ଓପିଟିସିଏଲ ସିକ୍ୟୁରିଟି ଗାର୍ଡଙ୍କ ଦାବିପତ୍ର

ଜୟପୁର, ୨୪।୯(ନି.ପ୍ର.)

ଓପିଟିସିଏଲ୍ ସିକ୍ୟୁରିଟି ଗାର୍ଡମାନଙ୍କୁ ବିନା ନୋଟିସରେ ସେପ୍ଟେମ୍ବର ଏକ ତାରିଖରୁ ଛଟେଇ କରି ଦିଆଯାଇଛି। ଏହି ଘଟଣାର ସମାଧାନ ପାଇଁ ସେମାନେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ସହଯୋଗ ଲୋଡିଛନ୍ତି। ଗୁରୁବାର ସେମାନେ ବିଧାୟକଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଏକ ଦାବିପତ୍ର ଦେଇଛନ୍ତି।

ଏହି ଗାର୍ଡମାନେ ୧୫/୧୭ ବର୍ଷଧରି ବିଦ୍ୟୁତ୍ ବିଭାଗରେ କଣ୍ଟ୍ରାକ୍ଟର ଜରିଆରେ କାମ କରିଆସୁଥିଲେ। ସେମାନଙ୍କର ଇଏସ୍‌ଆଇ ଓ ଇପିଏଫ୍ ଆଇନରେ ଦେୟ ମଧ୍ୟ କଟୁଛି। ବର୍ତ୍ତମାନ କରୋନା

**ବିନା ନୋଟିସରେ ଟଟେଇ ଘଟଣା**

ସମୟରେ କାହାକୁ କାମ ମିଳୁନଥିବା ବେଳେ କାର୍ଯ୍ୟରତ ଗାର୍ଡମାନଙ୍କୁ ବାହାର କରିଦିଆଯାଇଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛଇ। ପୁରୁଣା ଗାର୍ଡମାନଙ୍କୁ ବାହାର କରି ସେମାନଙ୍କ ସ୍ଥାନରେ ନୂଆ ଗାର୍ଡ ନେବା ପାଇଁ ଲାଞ୍ଚ କାରବାର ଚାଲିଥିବା ଶୁଣିବାକୁ ମିଳୁଛି ବୋଲି ସେମାନେ ବିଧାୟକଙ୍କୁ ଜଣାଇଥିଲେ। ଗତ ଅଗଷ୍ଟ ୩୧ରେ ଡ୍ୟୁଟିକୁ ନ ଆସିବାକୁ ସେମାନଙ୍କୁ ମୌଖିକ ଭାବେ କୁହାଯାଇଥିଲା। ସେପ୍ଟେମ୍ବର ଏକ ତାରିଖରେ ଡ୍ୟୁଟି ଯାଇ ରେଜିଷ୍ଟରରେ ଦସ୍ତଖତ କରିବା ପାଇଁ ମାଗିଲେ ସେତେବେଳେ ଓପିଟିସିଏଲ ଅଫିସର ମାନେ ମନା କରିଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ କାମକୁ ନ ଆସିବାକୁ ସେମାନଙ୍କୁ କୁହାଯାଇଥିଲା ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗତ ୨୧ ତାରିଖରେ କଣ୍ଟ୍ରାକ୍ଟର୍ ଆସିନଥିଲେ ଏଣୁ ଜିଲା ଶ୍ରମ ଅଧିକାରୀ ଡକେଇଥିବା ମିଟିଂ ସଫଳ ହୋଇ ନ ଥିଲା। ଅକ୍ଟୋବର ୫ ତାରିଖରେ ଜିଲା ଶ୍ରମ ଅଧିକାରୀ ପୁଣି ଥରେ ମିଳିତ ବୈଠକ ଡକାଇଛନ୍ତି ଏବଂ କଣ୍ଟ୍ରାକ୍ଟର୍ କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ରେକର୍ଡ ପତ୍ର ନେଇ ଆସିବା ପାଇଁ। ବିଧାୟକ ସମସ୍ତ ପ୍ରକାର ସହଯୋଗ କରିବାକୁ ବଙ୍ଗେଇବାର ପ୍ରତିଶ୍ରୁତି ଦେଇଛନ୍ତି।

### କଲେଜରେ ଏନ୍‌ଏସ୍‌ଏସ୍ ଦିବସ ପାଳିତ

ବୋରିଗୁମ୍ମା, ୨୪।୯(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ଭୈରବ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ ପାଳନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ି ଚିରଞ୍ଜିବୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ତଥା ଅଧ୍ୟାପକ ସଦାଶିବ ତ୍ରିପାଠୀ ପରିବେଶ ସ୍ୱଚ୍ଛତା ସହ ସ୍ୱଚ୍ଛ ଭାରତ ଉପରେ ମତ ରଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସାମାଜିକ ଦୂରତା ଓ ମାସ୍କ ବ୍ୟବହାର କରି ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଅନୁପ୍ରିୟା, ସନ୍ତୋଷ ବ୍ରତ, ଡାକୁଆ, ଜଗଦୀଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ମାଲକାନଗିରିରେ ୩୩୩୩ ଆକ୍ରାନ୍ତ

ମାଲକାନଗିରି, ୨୪।୯(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୦୦ ଟପିଛି। ୨୪ ଘଣ୍ଟାରେ ଜିଲାରୁ ୩୪ ନୂଆ ପଜିଟିଭ ବାହାରିଥିବା ଗୁରୁବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ମାଲକାନଗିରି ପୌର ପରିଷଦରୁ ୧୨, ବାଲିମେଳା ଏନ୍‌ଏସିରୁ ୨, ମାଲକାନଗିରି ବ୍ଲକରୁ ୧୦, ମାଥିଲିରୁ ୧, ଖଇରପୁଟରୁ ୩, କାଲିମେଳାରୁ ୫ ଏବଂ ଚିତ୍ରକୋଣ୍ଡାରୁ ୧ ପଜିଟିଭ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ଯା ୩୩୩୩ରେ ପହଞ୍ଚିଛି। ସେଥିମଧ୍ୟରୁ ୨୮୩୫ ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ଜିଲାରୁ ୧୧ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବାବେଳେ ଆଉ ୪୮୭ ସକ୍ରିୟ ସଂକ୍ରମିତ ରହିଥିବା ଜିଲାପାଳ ମନିଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କ ଅଫିସ ଘେରିଲା ଏଏନ୍‌ଏମ୍ ସଂଘ


ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି ।

କୋରାପୁଟ,୨୪।୯(ସ୍ୱ.ପ୍ର)

କୋରାପୁଟ ଜିଲାରେ ବିଭିନ୍ନ କୋଭିଡ ହୋମ ଓ କୋଭିଡ୍ କେୟାର ସେଣ୍ଟରରେ କାମ କରୁଥିବା ଏଏନ୍‌ଏମ୍‌ଙ୍କୁ ଛଟେଇ କରାଯାଇଛି। ଏହା ପ୍ରତିବାଦରେ ସେମାନେ ଗୁରବାର ଜିଲାପାଳଙ୍କ କାର୍ଯ୍ୟାଳ ୩ ଘଣ୍ଟା ଘେରାଉ କରିଥିଲେ। ଜିଲାର ବହୁ ଭାଜପା ନେତା ସେମାନଙ୍କୁ ସମର୍ଥନ କରି ଧାରଣାରେ ବସିଥିଲେ। ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିବା ପରେ ଧାରଣା ହଟିଥିଲା।

ସେମାନେ ନିଜର ଦାବି ସବୁ ଅଧିକାରୀମାନଙ୍କୁ ଜଣାଇଥିଲେ। ଜିଲାରେ କୋଭିଡ-୧୯ ସମୟରେ ନିଯୁକ୍ତି ପାଇଥିବା ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଚାକିରିରୁ ଛଟେଇ ନକରି ପୂର୍ବପରି ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅନୁମତି ପ୍ରଦାନ, କୋଭିଡ-୧୯ର ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀଙ୍କୁ ମାସିକ ଦରମା ପ୍ରଦାନ, ଜିଲାରେ ଖାଲିପଡିଥିବା ପଦବୀରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବାକୁ ସେମାନେ ଦାବି କରି ଧାରଣା ଦେଇଥିଲେ। ଭାଜପା ବରିଷ୍ଠ ନେତା ଜୟରାମ ପାଙ୍ଗି, ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ, ବିଜୟ କୁମାର ମିଶ୍ର ପ୍ରମୁଖ ସ୍ୱାସ୍ଥ୍ୟକର୍ମୀମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସେଠାରେ ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲଳିତ କୁମାର କହଁର, ସିଡିଏମଓ ମକରନ୍ଦ ବେଉରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଆଲୋଚନା କରିବା ପରେ ଧାରଣା ହଟିଥିଲା।

# ଅମାନିଆଙ୍କଠାରୁ ୯୬ ହଜାର ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୨୪।୯:

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣର ମୁକାବିଲା ପାଇଁ ଅନେକ କଟକଣା ଜାରି କରାଯାଇ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଗତ ୨୩ରୁ ୨୪ ମଧ୍ୟରେ ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୪୬ ଜଣ ଲୋକଙ୍କଠାରୁ ୯୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୯୨ ଜଣ ଗାଡି ଚାଳକଙ୍କୁ ୯୬ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ବେଆଇନ ଭାବେ ମଦ ବିକ୍ରି କରାଯାଉଥିବା ୩ଟି ସ୍ଥାନରେ ଚଢଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି।

### ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କଲେ ବିଧାୟିକା

ପୁରୁଷୋତ୍ତମପୁର,୨୪।୯(ଡି.ଏନ.ଏ.)

ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ପୁରୁଷୋତ୍ତମପୁର ଗସ୍ତ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଓ ଦଳୀୟ କର୍ମୀଙ୍କ ସହ ଆଲୋଚନା କରି ସହରର ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିନା କାରଣରେ ଲୋକଙ୍କ ଉପରେ ପ୍ରଶାସନ ଜୁଲୁମ କରୁଥିବା ଦଳୀୟ କର୍ମୀମାନେ ବିଧାୟିକାଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ସରପଞ୍ଚଙ୍କୁ ଗାଳିଗୁଲଜ ଅଭିଯୋଗ

ମାଲକାନଗିରି,୨୪।୯(ସ୍ୱ.ପ୍ର.)

ମାଲକାନଗିରି ସଦର ଡିଏନ୍‌ଏକେ ପରିବା ମାର୍କେଟରେ ଜଣେ ବ୍ୟକ୍ତି ସରପଞ୍ଚ ବଂଶୀଧର ମୁଦୁଲିଙ୍କୁ ଗାଳିଗୁଲଜ କରି ମାରିଦେବାକୁ ଧମକ ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଜନଗହଳି ସ୍ଥାନ ହୋଇଥିବାରୁ ସ୍ଥାନୀୟ ଲୋକେ ଦଉଡି ଆସିବା ପରେ ସେଠାରୁ ସେ ବ୍ୟକ୍ତି ଜଣଙ୍କ ଦଉଡି ପଳାଇଥିଲେ। ଗାଳିଗୁଲଜ କରିଥିବା ବ୍ୟକ୍ତି ଜଣଙ୍କ କରୁକୋଣ୍ଡା ନାଏବ ସରପଞ୍ଚଙ୍କ ସ୍ୱାମୀ ବୋଲି ସରପଞ୍ଚ କହିଛନ୍ତି। ସୋମବାର ନାଏବ ସରପଞ୍ଚଙ୍କ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସରପଞ୍ଚଙ୍କ ନେତୃତ୍ୱରେ ୱାର୍ଡ ସଭ୍ୟା ସଭ୍ୟ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଏହି ଘଟଣାରେ ରାଗି ତାଙ୍କ ନାଏବ ସରପଞ୍ଚଙ୍କ ସ୍ୱାମୀ ଗାଳି କରିବା ସହ ଏହି ପ୍ରସ୍ତାବକୁ ପ୍ରତ୍ୟାହାର ନ କଲେ ଜୀବନରେ ମାରି ଦେବାକୁ ଧମକ ଦେଉଛନ୍ତି ବୋଲି ସରପଞ୍ଚ ବଂଶୀଧର ମୁଦୁଲି ଏତଲାରେ ଉଲ୍ଲେଖ କରିଛନ୍ତି। ଏ ନେଇ କେସ୍ ନମ୍ବର ୩୪୪/୨୦ ରେ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଲକାନଗିରି ଥାନଧିକାରୀ ରାମ ପ୍ରସାଦ ନାଗ କହିଛନ୍ତି। ଘଟଣା ସମ୍ପର୍କରେ ନାଏବ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କ ପ୍ରତିକ୍ରିୟା ମିଳିପାରିନି।

# 'କରୋନା ସମୟରେ ଶିକ୍ଷାଦାନ ବ୍ୟବସ୍ଥା' ସମ୍ପର୍କିତ ୱେବିନାର

କୋରାପୁଟ,୨୪।୯(ସ୍ୱ.ପ୍ର.)

କୋରାପୁଟ ସରକାରୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ଗୁରୁବାର 'କରୋନା ସମୟରେ ଶିକ୍ଷାଦାନ ବ୍ୟବସ୍ଥା' ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ପାଢ଼ୀ ଏହାର ଉଦଘାଟନ କରି କରୋନା ପରିସ୍ଥିତିରେ ଅଗାମୀ ଦିନରେ ହେବାକୁ ଥିବା ମହାବିଦ୍ୟାଳୟ ଶିକ୍ଷାଦାନ ବ୍ୟବସ୍ଥାରେ ଯୁବ ରେଡକ୍ରସ୍‌ର ସ୍ୱେଚ୍ଛାସେବୀମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। କଲେଜ ପରିସରରେ ସ୍ୱଚ୍ଛତା, ସାମାଜିକ ଦୂରତା, ମାସ୍କ ପରିଧାନ ଆଦି ବିଷୟରେ ଉଭୟ ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଆବଶ୍ୟକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୁବ ରେଡକ୍ରସ୍‌ର ଆବାହକ ପ୍ରକାଶ କୁମାର ପ୍ରଧାନ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ ଆଗାମୀ ଦିନରେ କଲେଜର ଶିକ୍ଷାଦାନ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଶ୍ରେଣୀ ଗୃହରେ ସାମାଜିକ ଦୂରତା, ପୁସ୍ତକ ଆଦାନ ପ୍ରଦାନ, ହାତ ସାନିଟାଇଜ୍ କରିବା ଓ କଲେଜକୁ ଯିବା ଆସିବା ସମୟରେ ହେବାକୁ ଥିବା ସମସ୍ୟାର ସରଳ ସମାଧାନ ଉପରେ ଆଲୋଚନା କରାଯାଇଥିଲା । କଲେଜର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସୁଶ୍ରୀ ସଂଘମିତ୍ରା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

# ସରକାରୀ ଯୋଜନାରୁ ବଞ୍ଚିତ ଚନ୍ଦ୍ରପୁର ବ୍ଲକ କଳାକାର

ଚନ୍ଦ୍ରପୁର,୨୪।୯(ଡି.ଏନ୍.ଏ.)

ଓଡ଼ିଶାର ପାରମ୍ପରିକ ଲୋକକଳା ଏବଂ ସଂସ୍କୃତିର ପ୍ରଚାର, ପ୍ରସାର ସହ କଳାକାରଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏଥିରେ କଳାକାରମାଙ୍କୁ ପେନ୍‌ସନ ପ୍ରଦାନ କରାଯାଉଛି। ଏପରିକି ଲୋକକଳା ଜରିଆରେ ଗ୍ରାମାଞ୍ଚଳରେ ସରକାରଙ୍କ ଜନ ମଙ୍ଗଳକାରୀ ଯୋଜନା ବିଷୟରେ ସଚେତନ କରିବା ପାଇଁ ମଧ୍ୟ ପ୍ରୟାସ କରାଯାଇଛି। କିନ୍ତୁ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବ୍ଲକ୍‌ର ୮ ପଞ୍ଚାୟତର ସଂକୀର୍ତନ, ପାଲା, ଘୁମୁରା, ତାମ୍ପ, ଢୋଲ, ମହୁରୀ କଳାକାରମାନେ ଦୀର୍ଘଦୀନ ଧରି ସରକାରଙ୍କ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ଜିଲାରେ ଜିଲା କଳା ସଂସ୍କୃତି ସଂଘ ଏବଂ ବ୍ଲକ୍‌ରେ ବ୍ଲକ୍ କଳା ସଂସ୍କୃତି ସଂଘ ଗଠନ କରାଯାଇଛି। ହେଲେ ଚନ୍ଦ୍ରପୁର ବ୍ଲକ୍‌ରେ ବହୁ କଳାକାର ଥାଇ ମଧ୍ୟ ବ୍ଲକ୍ ତରଫରୁ ଏ ପର୍ଯ୍ୟନ୍ତ ସେମାନଙ୍କୁ ଚିହ୍ନଟ କରାଯାଇପାରି ନ ଥିବା ନେଇ କଳାକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ଚିଠି ସଂଖ୍ୟା ୨୭୯୯ ତା. ୭.୫.୨୦ ଓ ରାୟଗଡ଼ା ଜିଲାପାଳଙ୍କ ଚିଠି ସଂଖ୍ୟା ୫୦ ତା ୨୦.୬.୨୦ ଅନୁଯାୟୀ, ସମସ୍ତ କଳାକାରଙ୍କ ଡାଟାବେସ୍ ପ୍ରସ୍ତୁତ କରାଯାଇ କଳା ସଂସ୍କୃତି ବିଭାଗକୁ ପଞ୍ଜୀକରଣ ନିମନ୍ତେ ପଠାଇବା ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ କଳାକାର ଚିହ୍ନଟ ହୋଇପାରି ନ ଥିବା ବହୁ କଳାକାର ଅଭିଯୋଗ କରିଛନ୍ତି। ଏ ନେଇ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍ କହିଛନ୍ତି, ଜିଲାପାଳଙ୍କଠାରୁ ଚିଠି ଆସିଛି। ସମସ୍ତ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ଯୋଗାଣ ସହାୟକମାନଙ୍କୁ କଳାକାରମାନ ଚିହ୍ନଟ କରାଯାଇ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ କାମ ତୁରନ୍ତ କରାଯିବ। ଅନ୍ୟପକ୍ଷରେ ଏ ବିଷୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜ୍ୟ ସଂଯୋଜକ ବାସୁଦେବ ମାନ ବିଶୋୟୀ କହିଛନ୍ତି, ବ୍ଲକରୁ କଳାକାରଙ୍କ ତାଲିକା ଆସିଲେ ସେମାନେ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ପାଇପାରିବେ।

# ଶୁଣୁନି ପ୍ରଶାସନ, ଦିବ୍ୟାଙ୍ଗ ଦାମଙ୍କୁ ମିଳୁନି ଆବାସ ଘର

ଦଶମନ୍ତପୁର, ୨୪।୯(ଡି.ଏନ୍.ଏ.)

ଅସହାୟ ଓ ଗରିବଙ୍କୁ ଛାତଘର ଯୋଗାଇବା ଲକ୍ଷ୍ୟରେ ସରକାର ଆବାସ ଯୋଜନା କରିଥିଲେ। କିନ୍ତୁ ଏହାର ଲାଭ ସମସ୍ତଙ୍କୁ ମିଳିପାରୁନି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ବିଜମରା ଗ୍ରାମର ଦାମ ଜାନି ଏହାର ଉଦାହରଣ। ଦାମ ପିଲାଟି ବେଳୁ ଦିବ୍ୟାଙ୍ଗ। ସେ ଏବେ ଏକ ଭଙ୍ଗା କୁଡିଆରେ ରହୁଛନ୍ତି। କାମ କରିବାକୁ ଅକ୍ଷମ ଥିବାରୁ ଉକ୍ତ କୁଡିଆ ମରାମତି କରିପାରୁନାହାନ୍ତି। ଏହା ମଧ୍ୟରେ ଆବାସ ଘର ଖଣ୍ଡେ ପାଇଁ ବାରମ୍ବାର ଦାବି କରୁଥିଲେ ମଧ୍ୟ ତାଙ୍କୁ ଏହା ମିଳୁନି।

ପିଲାଟି ଦିନରୁ ହିଁ ଦାମ ବାପା ରାମଦାସଙ୍କୁ ହରାଇଥିଲେ। ମା' କାନ୍ଦ୍ରୀ ଅଲଗା ରହୁଛନ୍ତି। ପିଲାଟି ଦିନରୁ ଦାମଙ୍କ ବାମ ଗୋଡଟି ଖରାପ। ୩ବର୍ଷ ତଳେ ସେ ବିବାହ କରିଛନ୍ତି। ତାଙ୍କୁ ଏବେ ୫୦୦ ଟଙ୍କା ଭିନ୍ନକ୍ଷମ ଭତ୍ତା ମିଳୁଛି। ଦାମ ଓ ତାଙ୍କ ସ୍ତ୍ରୀଙ୍କ ପାଇଁ ସରକାରୀଭାବେ ୧୦କିଲୋ ଚାଉଳ ମିଳୁଛି। ଦାମଙ୍କ ସ୍ତ୍ରୀ ଜଙ୍ଗଲରୁ କାଠ ସଂଗ୍ରହ କରି ବିକ୍ରିକରି ଯାହା କିଛି ଅର୍ଥ ଆଣନ୍ତି ସେ ସବୁରୁ ଘର ଚଳେ ବୋଲି ଦାମ କହିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଚାଳ ଛପର ଘର ଖଣ୍ଡେ ରହିଛି। ଘରଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କିଛି ସ୍ଥାନରୁ ଛପର ଉଡିଯାଇଥିବାରୁ ବର୍ଷାଦିନେ ପାଣି ଗଳୁଛି। ଘରଟି କେତେବେଳେ ଯେ ଭୁଶୁଡି ପଡିବ। ଟଙ୍କା ଅଭାବରୁ ମରାମତି କରିପାରୁନି ବୋଲି ଦାମ କହିଛନ୍ତି। ଆବାସ ଘର ଖଣ୍ଡେ ପାଇବାକୁ ବାରମ୍ବାର ପ୍ରଶାସନ ପାଖକୁ ଯାଇ ନିରାଶ ହୋଇ ଫେରିଛନ୍ତି ବୋଲି ସେ କହିଛନ୍ତି। ଏ ନେଇ ବିଡିଓ ଉମ୍ବରୁଧର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଏସିସି ଏବଂ ପିଡବ୍ଲ୍ୟୁଏଲ୍ ଲିଷ୍ଟ ଦେଖିବାପରେ କିଛି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ଜରାଜୀର୍ଣ୍ଣ ଘର ଆଗରେ ଦାମ ଜାନି।

